# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 April – 2025**

## ୱାକଫ୍ ଆଇନ

ୱାକଫ୍ ସଂଶୋଧନ ଆଇନ-୨୦୨୫ ଗତକାଲିଠାରୁ କାର୍ଯ୍ୟକାରୀ ହୋଇଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଗତ ସପ୍ତାହରେ ସଂସଦରେ ୱାକଫ ସଂଶୋଧନ ବିଲ୍ ଗୃହୀତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଅନୁମୋଦନ କରିଥିଲେ ।

## ପୁଞ୍ଜି ନିବେଶ

ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ୧ଲକ୍ଷ ୩ ହଜାର ୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ଆସିଛି । ଏ ନେଇ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନିବେଶ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ରାଜ୍ୟରେ ୯୫ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଇଓସିଲ୍ ସହ ରାଜ୍ୟ ସରକାର ୫୮ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି । ପେଟ୍ରୋ କେମିକାଲ୍ସ କ୍ଷେତ୍ରରେ ଓଡ଼ିଶାର ଶିଳ୍ପ ବିକାଶକୁ ଏହା ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପୁଞ୍ଜିନିବେଶ-ଧର୍ମେନ୍ଦ୍ର

ରାଜ୍ୟ ସରକାର ଏବଂ ଆଇଓସିଏଲ୍ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ଓଡ଼ିଶାକୁ ଏକ ପ୍ରମୁଖ ଶକ୍ତିକେନ୍ଦ୍ରରେ ପରିଣତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପୂର୍ବୋଦୟ କଳ୍ପନାରେ ଓଡ଼ିଶା ପାଇଁ ଏହା ନୂତନ ପ୍ରଗତି ଓ ସମୃଦ୍ଧିର ମାର୍ଗ ଉନ୍ମୁକ୍ତ କରିବ । ସେ କହିଛନ୍ତି, ଏହି ନୂତନ ପୁଞ୍ଜି ନିବେଶ ରାଜ୍ୟର ଉଦ୍ୟୋଗୀ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ନିଯୁକ୍ତିକ୍ଷେତ୍ର ତ୍ୱରାନ୍ୱିତ ହେବ ।

## ବ୍ୟାଙ୍କ-ପେନସନ

ସରକାରୀ କର୍ମଚାରୀଙ୍କ ପେନସନ ପ୍ରଦାନରେ ବିଳମ୍ୱ ହେଲେ ଏଣିକି ସଂପୃକ୍ତ ବ୍ୟାଙ୍କ ୮ ପ୍ରତିଶତ ହାରରେ ସୁଧ ପ୍ରଦାନ କରିବେ । ଏ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି କ୍ଷତିପୂରଣ ପେନସନଭୋଗୀଙ୍କୁ ବିନା କୌଣସି ଦାବିରେ ବ୍ୟାଙ୍କ ତରଫରୁ ପ୍ରଦାନ କରାଯିବ । ପେନସନ ପ୍ରଦାନ ତାରିଖ ପରେ ଯେକୌଣସି ବିଳମ୍ୱ ପାଇଁ ଏହି କ୍ଷତିପୂରଣ ରାଶି ପେନସନ ଭୋଗୀ ପାଇବେ ବୋଲି ଆରବିଆଇ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ।

## ଓକାକ୍

ରାଜ୍ୟ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର-ଓକାକ୍ କୁ **UIDAI**

ପକ୍ଷରୁ ଦୁଇଟି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରାଯାଇଛି । **UIDAI** ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଆଧାର ସମ୍ବାଦ ୨୦୨୫ କାର୍ଯ୍ୟକ୍ରମରେ ଓକାକ୍ କୁ ଏହି ପୁରସ୍କାର ଦିଆଯାଇଛି । ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧତା ଏବଂ ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ସଂସ୍ଥା ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଓକାକ୍ କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ର ଇଲେକ୍ଟ୍ରୋନିକସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, **UIDAI** ର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

---

# ନଗର ଉନ୍ନୟନମନ୍ତ୍ରୀଙ୍କ ସମୀକ୍ଷା

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗତକାଲି ଦିନିକିଆ ଫୁଲବାଣୀ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପାନୀୟଜଳ, ପରିମଳ ବ୍ୟବସ୍ଥା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ନେଇ ମନ୍ତ୍ରୀ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଆକାଶବାଣୀକୁ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି :

**V/O**

ଏହି କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ଉମାଚରଣ ମଲ୍ଲିକ ଓ ପ୍ରଫୁଲ୍ଲଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

---

## ବୈଠକ

୨୦୨୫-୨୭ ଦୁଇବର୍ଷର ଅବଧି ପାଇଁ ୟୁନିସେଫ୍‌ର ସାମାଜିକ ନୀତି ଓ ସାମାଜିକ ସୁରକ୍ଷା କାର୍ଯ୍ୟ ସଂପର୍କିତ ଏକ ବୈଠକ ଗତକାଲି ଭୁବନେଶ୍ୱର ଲୋକସେବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ଦୁଇବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା । ସହରାଞ୍ଚଳର ମହିଳା ଏବଂ ଦିବ୍ୟାଙ୍ଗଙ୍କର ସମସ୍ୟା ସମାଧାନ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଆୟୁଷ୍ମାନ କାର୍ଡ

ଗଞ୍ଜାମ ଜିଲ୍ଲାରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ରହ୍ମପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ସିଡିଏମ୍‌ଓ ଡାକ୍ତର ଭବାନୀଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୧ ତାରିଖରୁ ଏହି କାର୍ଡ ବଣ୍ଟନ ନେଇ ରୂପରେଖ ପ୍ରସ୍ତୁତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ପ୍ରତି ଗ୍ରାମର ୨୫ରୁ ୩୦ ଜଣ ପର୍ଯ୍ୟନ୍ତ କାର୍ଡ ବଣ୍ଟନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲ୍ଲାର ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

# ହକି

୭୩ତମ ସର୍ବଭାରତୀୟ ପୁଲିସ୍ ହକି ଚମ୍ପିୟାନ୍‌ସିପର ଦ୍ୱିତୀୟ ଦିନରେ ଗତକାଲି ୫ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶ’ ମହାରାଷ୍ଟ୍ରକୁ ୯-୦ ଗୋଲ୍‌ରେ ପରାସ୍ତ କରିଥିଲା । ସେହିଭଳି କର୍ଣ୍ଣାଟକ’ ଗୁଜରାଟକୁ ୨୦-୧ ଗୋଲ୍‌ରେ, ତେଲଙ୍ଗାନା’ କେରଳକୁ ୯-୧ ଗୋଲ୍‌ରେ, ସିଆରପିଏଫ୍’ ୨୧-୧ ଗୋଲ୍‌ରେ ପୁଡୁଚେରୀ ପୋଲିସ୍‌କୁ ଏବଂ ଉତ୍ତରପ୍ରଦେଶ ମହିଳା ଦଳ ତାମିଲନାଡୁକୁ ୬-୧ ଗୋଲ୍‌ରେ ପରାସ୍ତ କରିଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିନ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ବଜ୍ରପାତ ଓ ବର୍ଷା ନେଇ କେତେକ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।